କୁଲଦୀପ ସିଂ

ବନାମ

ପଞ୍ଜାବ ରାଜ୍ୟ

(ଅପରାଧିକ ଆବେଦନ ସଂଖ୍ୟା 1842/2010)

ସେପ୍ଟେମ୍ବର 23,2010

[ଅଲତମାସ କବୀର ଏବଂ ଏ. କେ. ପଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985 :

*ଧାରା 42- ଜବତ ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ନିଷିଦ୍ଧ ଦ୍ରବ୍ୟର ନମୁନା ସଂଗ୍ରହ ନକରିବା-ଚାରିଟି ବ୍ୟାଗରେ ଲୁଚାଇ ରଖାଯାଇଥିବା 150 କିଲୋଗ୍ରାମ ପୋସ୍ତ ଚୋପା  ଜବତ କରିବା- ନିଷିଦ୍ଧ ଦ୍ରବ୍ୟକୁ ଜଉମୁଦ କରା ଯାଇଥିଲା ଏବଂ ପୁଲିସ ଷ୍ଟେସନକୁ ନିଆଯାଇଥିଲା - S.H.O. ଷ୍ଟେସନରେ ଜଉମୁଦ ଭାଙ୍ଗି ଦେଇଥିଲେ, ନିଷିଦ୍ଧ ଦ୍ରବ୍ୟକୁ ମିଶ୍ରଣ କରାଯାଇଥିଲା, ନମୁନା ନିଆଯାଇଥିଲା ଏବଂ ପୁଣି ବ୍ୟାଗଗୁଡ଼ିକୁ ଜଉମୁଦ କରାଯାଇଥିଲା -ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ- ନିର୍ଣ୍ଣୟ ହେଲା : ଜବତର ପ୍ରାରମ୍ଭିକ ପର୍ଯ୍ୟାୟରେ ନମୁନା ସଂଗ୍ରହ ନ କରିବା ଏକ ତ୍ରୁଟି ଥିଲା, ଯାହାକୁ PW-2 ଦ୍ୱାରା ଜଉମୁଦ କରାଯାଇଥିବା ବ୍ୟାଗଗୁଡ଼ିକୁ ଖୋଲି ଏବଂ ଏହାର ଦ୍ରବ୍ୟକୁ ମିଶ୍ରଣ କରି ଯେଉଁ ଉପାୟରେ ଏହା କରାଯାଇଥିଲା ସେପରି ସୁଧାର କରାଯାଇପାରିନଥାନ୍ତା- ଜବତ କରିବା ଏବଂ ନମୁନା ସଂଗ୍ରହ ଅଧିନିୟମର ଧାରା 42 ର ବ୍ୟବସ୍ଥାଗୁଡିକ ଅନୁଯାୟୀ ନଥିଲା ଏବଂ ଫଳସ୍ୱରୂପ ସମଗ୍ର ପ୍ରକ୍ରିୟା ଅସିଦ୍ଧ  ହୋଇଯାଇଥିଲା -ଦୋଷୀସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବାତିଲ କରାଗଲା-ବିଧାନର ବାଖ୍ୟା  ।*

*ଧାରା 42- ନିଷିଦ୍ଧ ସାମଗ୍ରୀ ସମ୍ବନ୍ଧୀୟ ସୂଚନା ଲିପିବଦ୍ଧ କରାଗଲା ଏବଂ ଉପରିସ୍ଥ ଅଧିକାରୀଙ୍କୁ ପଠାଗଲା- ଗୁପ୍ତ ସୂଚନା ପାଇବା ପରେ, ପହରା କାର୍ଯ୍ୟରେ ଥିବା ପୋଲିସ ଅଧିକାରୀ ନିଷିଦ୍ଧ ସାମଗ୍ରୀକୁ ଜବତ କରିଥିଲେ-ଏହା ପରେ ସୂଚନାକୁ ଲିପିବଦ୍ଧ କରାଯାଇଥିଲା ଏବଂ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲା- ନିର୍ଣ୍ଣୟ ହେଲା :ଏହି ବ୍ୟବସ୍ଥାର ବ୍ୟାପକ ଅନୁପାଳନ ହୋଇଥିଲା ।*

*ବିଧାନର ବାଖ୍ୟା  :*

*କଠୋର ଅନୁପାଳନ/ବାଖ୍ୟା - ନିର୍ଣ୍ଣୟ ହେଲା : NDPS ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କଠୋର ଭାବରେ ଅନୁପାଳନ କରାଯିବା ଆବଶ୍ୟକ ।*

କର୍ଣ୍ଣେଲ ସିଂ ବନାମ ହରିୟାଣା ରାଜ୍ୟ **2009 (11) SCR 470 = 2009 (8) SCC 539- ନିର୍ଭରଶୀଳ କରାଗଲା ।**

**ନଜିର ସୂଚନା**

**2009 (11) SCR 470 ନିର୍ଭରଶୀଳ କରାଗଲା ଅନୁଚ୍ଛେଦ 7**

ଅପରାଧିକ ଆବେଦନ ଅଧିକାରିତା : ଅପରାଧିକ ଆବେଦନ ସଂଖ୍ୟା 1842/2010 ।

ଅପରାଧିକ ଆବେଦନ ସଂଖ୍ୟା 628/1997ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 22.7.2008 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ରାଜେଶ ଶର୍ମା, ଯୋଗେଶ ଦହିୟା, ଶାଲୁ ଏବଂ ସାହିଲ୍ ବାଲି ।

ଉତ୍ତରଦାତାଙ୍କ ପକ୍ଷରୁ ଜୟନ୍ତ କେ. ସୁଦ, ଅତୁଲ ସାଇ, ଅମନ ରାଜ ଗାଣ୍ଡାରୀ ଏବଂ କୁଳଦୀପ ସିଂ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

**ଆଦେଶ**

ଅନୁମତି ପ୍ରଦାନ କରାଗଲା ।

ସଂଗ୍ରୁରସ୍ଥିତ ବିଦ୍ୱାନ ସ୍ୱତନ୍ତ୍ର ବିଚାରପତି ଦ୍ୱାରା ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985 (NDPS ଅଧିନିୟମ)ର ଧାରା 15 ଅନୁଯାୟୀ ଦୋଷୀସାବ୍ୟସ୍ତକରଣ ବିରୁଦ୍ଧରେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଅପରାଧିକ ଆବେଦନ ସଂଖ୍ୟା 628-SB/1997କୁ ଖାରଜ କରି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ 22 ଜୁଲାଇ 2008 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଆବେଦନ ନିର୍ଦ୍ଦେଶ କରାଯାଇଛି । ଅଭିଯୋଜନ ପକ୍ଷ ମାମଲା ଅନୁଯାୟୀ, ଭବାନୀଗଡ଼ ପୋଲିସ ଷ୍ଟେସନର ଉପ ନିରୀକ୍ଷକ ଶ୍ରୀଯୁକ୍ତ ମଲକିୟତ ସିଂ, P.W.3 ପହରା କାର୍ଯ୍ୟରେ ଥିବାବେଳେ, ତାଙ୍କୁ ଏକ ଗୁପ୍ତ ସୂଚନା ମିଳିଥିଲା ଯେ ଆବେଦନକାରୀ ତାଙ୍କ ବାସଭବନରୁ ପୋସ୍ତ ଚୋପାର କାରବାର କରୁଛନ୍ତି । ଉକ୍ତ ସୂଚନା ପାଇବା

ପରେ ଉକ୍ତ ମଲକିଆତ ସିଂ, ମୁଖ୍ୟ କନେଷ୍ଟବଳ ଗୁରମୈଲ୍ ସିଂ, କନେଷ୍ଟବଳ ଗମଦୁର ସିଂ, ମୁଖ୍ୟ କନେଷ୍ଟବଳ, ଜଗ୍ଗା ରାମ, PHG ରାଜିନ୍ଦର ସିଂ ଏବଂ SPO ହରି ସିଂଙ୍କ ସହ ଆବେଦନକାରୀଙ୍କ ଘରକୁ ଯାଇଥିଲେ ଏବଂ ତାଙ୍କୁ ପଚରାଉଚରା କରିବା ପରେ ସେମାନେ ଜାଣିବାକୁ ପାଇଲେ ଯେ ସେ କିଛି ପରିମାଣର ନିଷିଦ୍ଧ ଦ୍ରବ୍ୟ ଲୁଚାଇ ରଖିଥିଲେ । ସାକ୍ଷ୍ୟ ଅଧିନିୟମର ଧାରା 27 ଅନୁଯାୟୀ ଗ୍ରହଣୀୟ, ସୂଚନାର ଉକ୍ତ ଅଂଶ ଉପରେ ଆଧାର କରି, ଚାରିଟି ବ୍ୟାଗ ପୋସ୍ତ ଚୋପା ଉଦ୍ଧାର କରାଯାଇଥିଲା । ଉକ୍ତ ନିଷିଦ୍ଧ ସାମଗ୍ରୀ ଜବତ ହେବା ସମୟରେ P.W 3 ଦ୍ୱାରା କୌଣସି ନମୁନା ନିଆଯାଇନଥିଲା । ଶ୍ରୀଯୁକ୍ତ ମଲ୍କିଆତ୍ ସିଂ, ଯିଏକି ଜିନିଷକୁ ଜବତ କରିଥିଲେ, ସେହି ଜିନିଷକୁ ନିଜ ମୋହର ଦ୍ୱାରା ଜଉମୁଦ କରିଥିଲେ, ଏବଂ ତା 'ପରେ, ସେହି ଚାରିଟି ବ୍ୟାଗକୁ ପୋଲିସ ଷ୍ଟେସନକୁ ନିଆଯାଇଥିଲା, ଯେଉଁଠାରେ ଷ୍ଟେସନ ହାଉସ୍ ଅଫିସର, ଗୁରମୈଲ୍ ସିଂ, ମୋହରଗୁଡ଼ିକୁ ଭାଙ୍ଗି ଚାରିଟି ବ୍ୟାଗର ସାମଗ୍ରୀକୁ ଏକାଠି ମିଶ୍ରଣ କରିଥିଲେ, ଏବଂ ସେଥିରୁ ନମୁନାଗୁଡ଼ିକୁ ନେଇ ନିଜ ମୋହର ଦ୍ୱାରା ବ୍ୟାଗଗୁଡ଼ିକୁ ପୁନଃଜଉମୁଦ କରିଥିଲେ । ସେହି ସମୟରେ, ପୋସ୍ତ ଚୋପାର ଓଜନ କରାଗଲା ଏବଂ ମୋଟ 150 କିଲୋଗ୍ରାମ ପୋସ୍ତ ଚୋପା ଥିବା ଦେଖିବାକୁ ମିଳିଥିଲା । NDPS ଅଧିନିୟମର ଧାରା 15 ଅନୁଯାୟୀ ଆବେଦନକାରୀଙ୍କ ବିରୋଧରେ ଏକ ଦୋଷାରୋପ କରାଯାଇଥିଲା, ଏବଂ ଶେଷରେ, ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ତାଙ୍କୁ 10 ବର୍ଷ ସଶ୍ରମ କାରାଦଣ୍ଡ କରାଯାଇଥିଲା ଏବଂ 1,00,000 ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିଥିଲା, ଯାହା ଖିଲାପରେ ଆହୁରି ଅଢେଇ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ।

ଉକ୍ତ ଦଣ୍ଡାଦେଶ ଆଦେଶ ଦ୍ୱାରା ବ୍ୟଥିତ ହୋଇ, ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହା ବିଚାରଣ ନ୍ୟାୟାଳୟର ସିଦ୍ଧାନ୍ତ ସହିତ ସହମତ ହୋଇଥିଲା ଏବଂ ଆବେଦନକୁ ଖାରଜ କରିଦେଇଥିଲେ । ଉକ୍ତ ଖାରଜ ଆଦେଶ ବିରୁଦ୍ଧରେ ହିଁ ତୁରନ୍ତ ବିଶେଷ ଅନୁମତି ଆବେଦନ ଦାଖଲ କରାଯାଇଥିଲା, ଏବଂ ସେଥିରୁ ଏହି ଆବେଦନ ଉତ୍ପନ୍ନ ହୋଇଥିଲା ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଓକିଲ ଶ୍ରୀ ସାହିଲ ବାଲି ଦର୍ଶାଇଛନ୍ତି ଯେ  ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଏଠାରେ ଯାହା କୁହାଯାଇଛି, ତାହାକୁ ଦୃଷ୍ଟିରେ ରଖି ଏହା ସ୍ପଷ୍ଟ ହେବ ଯେ ଉପରୋକ୍ତ ଅଧିନିୟମର ଧାରା 42 ର ବ୍ୟବସ୍ଥାଗୁଡିକର ପାଳନ କରାଯାଇନାହିଁ, ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ଅନେକ ମାମଲାରେ କୁହାଯାଇଥିବା ପରି, ଯେହେତୁ ଅଧିନିୟମର ବ୍ୟବସ୍ଥାଗୁଡିକ ଅତ୍ୟନ୍ତ କଠୋର, ସେଗୁଡ଼ିକୁ ମଧ୍ୟ ଅତ୍ୟନ୍ତ କଠୋର ଭାବରେ ବ୍ୟାଖ୍ୟା କରିବାକୁ ପଡିବ । ଶ୍ରୀଯୁକ୍ତ ବାଲି ଯୁକ୍ତି କରିଥିଲେ ଯେ ଜବତ ହେବାର ପ୍ରାରମ୍ଭିକ ସମୟରେ ନମୁନା ନ

ନେଇ, ମଲକିଆତ ସିଂ,P .W. 3 ଏକ ତ୍ରୁଟି କରିଥିଲେ, ଯାହା ଷ୍ଟେସନ ହାଉସ୍ ଅଫିସର (P.W.2) ଙ୍କ ଦ୍ୱାରା କରାଯାଇଥିବା ପଦ୍ଧତିରେ ସଠିକ କରାଯାଇପାରିଲା ନାହିଁ । ସେ ଏହା ମଧ୍ୟ ଯୁକ୍ତି କରିଛନ୍ତି ଯେ ଯେହେତୁ ଶ୍ରୀ ମଲ୍କିଆତ୍ ସିଂ, PW- 3ଙ୍କ ଦ୍ୱାରା ପ୍ରାପ୍ତ ସୂଚନା ଲିଖିତ ଭାବରେ ଲିପିବଦ୍ଧ କରାଯାଇନାହିଁ ଏବଂ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲା, ଏହି ଜବତ ମଧ୍ୟ N.D.P.S ଅଧିନିୟମର ଧାରା 42 ଅନୁଯାୟୀ ଅସିଦ୍ଧ ହୋଇଛି ।

ଶ୍ରୀଯୁକ୍ତ ବାଲି ଶେଷରେ ଯୁକ୍ତି କରିଥିଲେ ଯେ ପରବର୍ତ୍ତୀ ସମୟରେ ପଠାଯାଇଥିବା ରୋକା ମଧ୍ୟ ନମୁନା ସଂଗ୍ରହ ସମ୍ବନ୍ଧୀୟ ଅବୈଧତାଗୁଡ଼ିକୁ ଦୂର କରିପାରିଲା ନାହିଁ ଏବଂ ତେଣୁ, ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ଖାରଜ ଆବଶ୍ୟକ ।

ପଞ୍ଜାବ ରାଜ୍ୟ ତରଫରୁ, ଶ୍ରୀ ସୁଦଙ୍କ ସହିତ ହାଜର ହୋଇଥିବା ବିଜ୍ଞ ଓକିଲ ଶ୍ରୀ ଅତୁଲ ସାହି ଦାଖଲ କରିଥିଲେ ଯେ ଉପରୋକ୍ତ ଅଧିନିୟମର ଧାରା 42 ର ବ୍ୟବସ୍ଥାଗୁଡ଼ିକର ଯଥେଷ୍ଟ ଅନୁପାଳନ ହୋଇଛି, ଏହି ତଥ୍ୟକୁ ବିଶେଷ ଧ୍ୟାନରେ ରଖି ଯେ ଶ୍ରୀ ମଲକିଆତ ସିଂ ପହରା କାର୍ଯ୍ୟରେ ଥିବାବେଳେ ଗୁପ୍ତ ସୂଚନା ପାଇଥିଲେ, ଏବଂ ତେଣୁ, ଆବେଦନକାରୀଙ୍କ ପରିସରରେ ଚଢାଉ କରିବା ପୂର୍ବରୁ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଏପରି ସୂଚନା ଲିଖିତ ଭାବରେ ପଠାଇବା ପାଇଁ କୌଣସି ସୁଯୋଗ ପାଇନଥିଲେ । ଏହା ଯୁକ୍ତି କରାଯାଇଥିଲା ଯେ ଥରେ ଜବତ ହେବା ପରେ, ପ୍ରମାଣ ଲିଖିତ ଭାବରେ ଲିପିବଦ୍ଧ କରାଯାଇଥିଲା, ଏବଂ ତା 'ପରେ, ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲା ।

ପୋଲିସ ଷ୍ଟେସନରେ ନମୁନା ମିଶ୍ରଣର ବୈଧତା ବିଷୟରେ, କର୍ଣ୍ଣେଲ ସିଂ ବନାମ ହରିୟାଣା ରାଜ୍ୟ, (2009) 8 E SCC 539 ମାମଲାରେ ଏହି ନ୍ୟାୟାଳୟର ସମ୍ବିଧାନ ଖଣ୍ଡପୀଠର ନିଷ୍ପତ୍ତି ଉପରେ ନିର୍ଭର କରାଯାଇଥିଲା, ଯେଉଁଠାରେ ଧାରା 42 ର ବ୍ୟବସ୍ଥାଗୁଡ଼ିକୁ ମଧ୍ୟ ବିଚାର କରାଯାଇଥିଲା ଏବଂ ଏହା ଅନୁଭବ କରାଯାଇଥିଲା ଯେ ଯେଉଁଠାରେ ଧାରା 42ର ଅନୁପାଳନ ନ କରିବା ଅଭିଯୁକ୍ତଙ୍କ ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ସୃଷ୍ଟି କରୁନାହିଁ, ତାହା ଅଭିଯୋଗ ପକ୍ଷ ମାମଲାକୁ ଅସିଦ୍ଧ କରିବ ନାହିଁ ।

ପକ୍ଷମାନଙ୍କ ପକ୍ଷରୁ ଦିଆଯାଇଥିବା ଉପସ୍ଥାପନଗୁଡ଼ିକୁ ବିଚାର କରିବା ପରେ, ଆମେ NDPS ଅଧିନିୟମ, 1985 ର ଧାରା 42 ର ଯଥେଷ୍ଟ ଅନୁପାଳନ ସମ୍ପର୍କରେ ପଞ୍ଜାବ ରାଜ୍ୟ ତରଫରୁ ପ୍ରଦତ୍ତ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିବାକୁ ଇଚ୍ଛୁକ, କିନ୍ତୁ ଆମେ P.W. 3, ମଲକିୟାତ ସିଂଙ୍କ

ଦ୍ୱାରା ଜଉମୁଦ କରାଯାଇଥିବା ଜବତ ସାମଗ୍ରୀରୁ ପୋଲିସ ଷ୍ଟେସନରେ ନମୁନା ସଂଗ୍ରହ ସମ୍ପର୍କିତ ଦାଖଲର ପରବର୍ତ୍ତୀ ଅଂଶକୁ ଗ୍ରହଣ କରିବାକୁ ଅସମର୍ଥ । ଜବତର ପ୍ରାରମ୍ଭିକ ପର୍ଯ୍ୟାୟରେ ନମୁନା ସଂଗ୍ରହ ନ କରିବା ଏକ ତ୍ରୁଟି ଥିଲା, ଯାହାକୁ ମଲକିୟତ ସିଂଙ୍କ ଦ୍ୱାରା ଜଉମୁଦ କରାଯାଇଥିବା ବ୍ୟାଗଗୁଡ଼ିକୁ ଖୋଲି ସେଥିରେ ଥିବା ବିଷୟ ମିଶ୍ରଣ କରି ଯେଉଁ ଉପାୟରେ ଏହା କରାଯାଇଥିଲା ସେପରି ସୁଧାର କରାଯାଇପାରିନଥାନ୍ତା ।

ତଦନୁସାରେ, ଯେପରି ଏଠାରେ ଉପରେ ଦର୍ଶାଯାଇଛି, ଯେହେତୁ ଉପରୋକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କଠୋର ଭାବରେ ବ୍ୟାଖ୍ୟା କରିବାକୁ ପଡିବ, ତେଣୁ ଆମ ପାଖରେ ଏହା କହିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ଯେ ଜବତ ଏବଂ ନମୁନା ସଂଗ୍ରହ ଅଧିନିୟମର ଧାରା 42ର ବ୍ୟବସ୍ଥା ଅନୁଯାୟୀ ନଥିଲା ଏବଂ ଏହାର ଫଳସ୍ୱରୂପ ସମଗ୍ର ପ୍ରକ୍ରିୟା ଅସିଦ୍ଧ ହୋଇଯାଇଥିଲା ।

ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଇଛି । ସ୍ୱତନ୍ତ୍ର  ମାମଲା ସଂଖ୍ୟା 27/93 ରେ ବିଜ୍ଞ ଅଧସ୍ତନ-ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶର ରାୟକୁ ବାତିଲ କରାଯାଇଛି । ଯଦି ଧାର୍ଯ୍ୟ ଜୋରିମାନା ପୂର୍ବରୁ ପୈଠ କରାଯାଇସାରିଛି, ତେବେ ତାହା ଆବେଦନକାରୀଙ୍କୁ ଫେରସ୍ତ କରାଯିବ ।

ଆର. ପି .                                                    ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।